# Akashvani, Sambalpur

## SAMBALPURI NEWS EVENING BULLETIN

**9 November 2024- 7.02 pm- 7.12 pm.**

**********************************************

୧- ରାଜ୍ୟର୍ ସବୁ ପଦ୍ମ ସମ୍ମାନ୍ ବିଜେତାଙ୍କୁ ମାସ୍‌କ ମିଲ୍‌ବା ୩୦ ହଜାର୍ ଟଙ୍କା- ଘୋଷ୍‌ନା କଲେ ମୁଖ୍ୟମନ୍ତ୍ରୀ ।

୨- ସୁନ୍ଦର୍‌ଗଡ୍ ନ ଗୁଟେ ଖାସ୍ କାର୍ଯ୍ୟକ୍ରମ୍‌ଥି ଆଏବା ୨୪ ତାରିଖ୍ ଦିଆଯିବା ସୁଭଦ୍ରା ଯୋଜ୍‌ନାର୍ ୩ ନମ୍ବର୍ ଖେପର୍ ପହେଲା କିସ୍ତି ଟଙ୍କା ।

୩- ରାଜ୍ୟର୍ ଫି ବ୍ଲକ୍ ନ ଖୁଲ୍‌ବା ଓମ୍‌ଫେଡ୍ ବିକ୍ରୟ କେନ୍ଦ୍ର ।

ଆଉର୍

୪- ବରିଷ୍ଠ ଆଇଏଏସ୍ ଅଧିକାରୀ ସ୍ତର୍‌ଥି ଅଦଲ୍‌ବଦଲ୍ କଲେ ରାଜ୍ୟ ସର୍‌କାର୍ ।

ପଦ୍ମ ବିଜେତା-ଭତା ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ସବୁ ପଦ୍ମ ବିଜେତାଙ୍କୁ ୩୦ ହଜାର୍ ଟଙ୍କାର୍ ସମ୍ମାନ୍ ଭତା ଦିଆଯିବା ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ

ଘୋଷ୍ନା କରିଛନ୍ । ଇ ନିଷ୍ପତି ଅନ୍ସାରେ ରାଜ୍ୟର୍ ୫୫ ଝନ୍ ପଦ୍ମ ପୁରସ୍କାର୍ ପାଇଥିବା ଲୁକେ ଇ ସମ୍ମାନ୍ ଭତା ପାଏବେ ।  ଇଥିର୍ଲାଗି ବଛରକ ୨ କୋଟି ଟଙ୍କା ଖର୍ଚ୍ଚା ହେବା ।

ସୁଭଦ୍ରା-ଉପମୁଖ୍ୟମନ୍ତ୍ରୀ          ଆର୍ଏନ୍ୟୁ/ କଟକ୍

ସୁନ୍ଦର୍ଗଡ୍ଥି ନ ଆଏବା ୨୪ ତାରିଖ୍ ଗୁଟେ ଖାସ୍ କାର୍ଯ୍ୟକ୍ରମ୍ଥି ସୁଭଦ୍ରା ଯୋଜ୍ନାର୍ ୩ ନମ୍ବର୍ ଖେପ୍ ପହେଲା କିସ୍ତି ଟଙ୍କା ଦିଆଯିବା । ଇଥି ୨୦ ଲାଖ୍ନୁ ଅଏତ୍କା ହିତାଧିକାରୀଙ୍କର୍ ଖାତାକେ ଟଙ୍କା ଡିବିଟି ଜରିଏ ହସ୍ତାନ୍ତର୍ କରାଯିବା ବଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ । ସେ ଆହୁରି କହିଛନ୍ ଯେ, ଆବେଦନ୍ପତ୍ରଥି ଭୁଲ୍ ରହିଥିବାର୍ନୁ ସୁଭଦ୍ରା ଯୋଜ୍ନାର୍ ୨ ଲାଖ୍ ୬୭ ହଜାର୍ ଆବେଦନ୍କେ ଅଗ୍ରାହ୍ୟ କରାଯାଇଛେ । ଅଗ୍ରାହ୍ୟ ଆବେଦନ୍କାରୀଙ୍କର୍ ତାଲିକା ଜିଲ୍ଲାପାଲ୍ମାନ୍କର୍ ଜରିଆଥି ବ୍ଲକ୍ମାନ୍କୁ ପଠାଯାଇଛେ । ଆଧାର୍କାର୍ଡ଼ ଆର୍ ବେଙ୍କ୍ର ତ୍ରୁଟି ସୁଧିରାଗଲେ ସେମାନ୍କୁ ୩ ନମ୍ବର୍ ଖେପେ ସୁଭଦ୍ରା ଟଙ୍କା ଦିଆଯିବା, ନାଇଁହେଲେ ୪ ନମ୍ବର୍ ଖେପେ ଟଙ୍କା ହସ୍ତାନ୍ତର୍ କରାଯିବା ବଲି ଉପମୁଖ୍ୟମନ୍ତ୍ରୀ କହିଛନ୍ । ଫି’ ଯୋଗ୍ୟ

ହିତାଧିକାରୀ ସୁଭଦ୍ରା ଯୋଜ୍‌ନାର୍ ସୁଫଲ୍ ପାଏବେ ବଲି କହେବାର୍ ସଙ୍ଗେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍...

(ଭଏସ୍ ଓଭର୍- ଉପମୁଖ୍ୟମନ୍ତ୍ରୀ)

ଉପମୁଖ୍ୟମନ୍ତ୍ରୀ- ପ୍ରଭାତୀ ପରିଡ଼ା   ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶା ନ ପର୍ଯ୍ୟଟନ୍ ଶିଳ୍ପର୍ ଅଭିବୃଦ୍ଧି ଆର୍ ବିଦେଶୀ ପର୍ଯ୍ୟଟକ୍‌ମାନ୍‌କୁ ଆକର୍ଷିତ୍ କର୍‌ବାର୍ ଲାଗି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କର୍ ଇଂଲଣ୍ଡ ଗସ୍ତ ବନେ ସଫଲତା ପାଇଛେ । ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ାଙ୍କର୍ ନେତୃତ୍ୱ ନ ଯାଇଥିବା ପ୍ରତିନିଧି ଦଲ୍ ଭାରତୀୟ ଉଚ୍ଚାୟୁକ୍ତଙ୍କର୍ ସଙ୍ଗେ ଆଲୋଚନା କର୍‌ବାର୍ ସହେତେ ପ୍ରବାସୀ ଭାରତୀୟ ମାନ୍‌କର୍ ସହେତେ ପର୍ଯ୍ୟଟନ୍‌ର ବିକାଶ୍ ଲାଗି ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ଥି ଭାଗ୍ ନେଇଥିଲେ ।

ଫି’ ବ୍ଲକ୍- ଓମ୍‌ଫେଡ୍ ବିକ୍ରୟ କେନ୍ଦ୍ର   ଆର୍‌ଏନ୍‌ୟୁ/

ଗାଁ ଇଲାକା ନ ଓମ୍‌ଫେଡ୍‌ର ଚାହିଦା ବଢୁଥିବାର୍‌ନୁ ରାଜ୍ୟର୍ ଫି’ ବ୍ଲକ୍ ନ ଓମ୍‌ଫେଡ୍ ବିକ୍ରୟ କେନ୍ଦ୍ରର୍ ଖୁଲ୍‌ବାର୍ ଲାଗି ପଦକ୍ଷେପ୍ ନିଆଯିବା ବଲି ପଶୁ ଆଉ ମସ୍ୟ ସମ୍ପଦ୍ ମନ୍ତ୍ରୀ

ଗୋକୁଳାନନ୍ଦ ମଲ୍ଲିକ୍ କହିଛନ୍ । ଇତାର୍‌ସଙ୍ଗେ ମନ୍ଦିର୍‌ମାନ୍‌କୁ ଓମ୍‌ଫେଡ୍ ଘିଅର୍ ବେଭାର୍ ନିଶ୍ଚିତ୍ କର୍‌ବାର୍‌କେ ଜିଲ୍ଲାପାଲ୍‌ମାନ୍‌କୁ ନିର୍ଦ୍ଦେଶ୍ ଦିଆଯାଇଛେ ବଲି ସେ ସୂଚ୍‌ନା ଦେବାର୍ ସଙ୍ଗେ ରାଏଜେ କାମ୍‌ଧେନୁ ଯୋଜ୍‌ନା କାର୍ଯ୍ୟକାରୀ କର୍‌ବାର୍ ପ୍ରକ୍ରିୟା ମୁଲ୍ ହେଇଛେ ବଲି କହିଛନ୍ । ମନ୍ତ୍ରୀ ଶ୍ରୀ ମଲ୍ଲିକ୍ କହିଛନ୍ ଯେ, କାମଧେନୁ ଯୋଜ୍‌ନାଥି ଗୋସମ୍ପଦ୍‌ର ସୁରକ୍ଷା, ବଂଶବୃଦ୍ଧି, ଦୁଗ୍ଧ ଉତ୍ପାଦନ୍ ଆଉ ଜୈବିକ ସାର ଉତ୍ପାଦନ୍ ଉପ୍‌ରେ ଜୋର୍ ଦିଆଯିବା । ଯୋଜ୍‌ନାର୍ ସଫଲ୍ କାର୍ଯ୍ୟାନ୍ୱୟନ୍ ଲାଗି ଉପମୁଖ୍ୟମନ୍ତ୍ରୀଙ୍କର୍ ନେତୃତ୍ୱ ନ ଗୁଟେ କମିଟି ଗଢ଼ାଯାଇଛେ । ହେଥି ୫ ଝନ୍ ମନ୍ତ୍ରୀ ଆର୍ ସଚିବ ସଦସ୍ୟ ଅଛନ୍ । କାମଧେନୁ ଯୋଜ୍‌ନା ଲାଗି ୧ ହଜାର୍ ୪ ଶହ ୨୩ କୋଟି ଟଙ୍କାର୍ ବ୍ୟୟ ଅଟକଲ କରାଯାଇଥିବା ସୂଚ୍‌ନା ଦେବାର୍ ସଙ୍ଗେ ଗୋଚାଲାଣ୍‌କାରୀ ଆର୍ ଗୋ ହତ୍ୟାଥି ସାମିଲ୍ ଲୋକ୍‌ମାନ୍‌କର୍ ବିରୋଧ୍ ନ କଠୋର୍ କାର୍ଯ୍ୟାନୁଷ୍ଠାନ୍ ହେବା ବଲି ମନ୍ତ୍ରୀ ଶ୍ରୀ ମଲ୍ଲିକ୍ କହିଛନ୍ ।

ପୋଷଣ୍ ଚାଉଲ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ସବୁ ଜିଲ୍ଲା ନ ପୁଷ୍ଟିକର ଆଉ ନିରାପଦ ମଧ୍ୟାହ୍ନ ଭୋଜନ୍ ପରିଚାଲନା ନେଇକରି ବିଦ୍ୟାଲୟ ଆଉ ଗଣଶିକ୍ଷା ବିଭାଗ୍

ତର୍‌ଫୁ ଆଏଜ୍ ଗୁଟେ ସମୀକ୍ଷା ବୈଠକ୍ ହେଇଯାଇଛେ । ପୋଷଣଯୁକ୍ତ ଚାଉଲ୍ ଆର୍ ଉନ୍ନତ ମାନର ଖାଦ୍ୟ ସାମଗ୍ରୀ ବେଭାର୍ କର୍‌ବାର୍ ସହେତେ ଛାତ୍ରୀଛାତ୍ରୀ ମାନ୍‌କୁ ଲଗାତାର୍ ମଧ୍ୟାହ୍ନ ଭୋଜନ୍ ଯୁଗେଇ ଦେବାର୍‌କେ ଜିଲ୍ଲା ଅଧିକାରୀମାନ୍‌କୁ ବିଭାଗୀୟ ଶାସନ୍ ସଚିବ ଶାଲିନୀ ପଣ୍ଡିତ ନିର୍ଦ୍ଦେଶ୍ ଦେଇଛନ୍ । ସେନ୍ତା କେନ୍‌ସି ଥିତି ନ ମଧ୍ୟାହ୍ନ ଭୋଜନ୍ ବନ୍ଦ୍ ନାଇଁ କର୍‌ବାର୍‌କେ ଶ୍ରୀମତୀ ପଣ୍ଡିତ୍ କହିଛନ୍ । ଇନ ଜନେଇ ଦିଆଯାଇପାରେ ଯେ, ପି.ଏମ୍. ପୋଷଣ୍ ଅଧୀନ୍‌ଥି ସବୁ ସର୍‌କାରୀ ଆର୍ ସର୍‌କାରୀ ଅନୁଦାନ୍ ପାଉଥିବା ସ୍କୁଲ୍ ମାନ୍‌କେ ୧ ନୁ ୮ କ୍ଲାସ୍‌ର ଛାତ୍ରଛାତ୍ରୀମାନ୍‌କୁ ମଧ୍ୟାହ୍ନ ଭୋଜନ୍ ଯୁଗେଇ ଦିଆଯାଉଛେ । ବୈଠକ୍‌ଥି ପି.ଏମ୍ ପୋଷଣ୍‌ର ରାଜ୍ୟ ସଂଯୋଜକ ଅଧିକାରୀ ରଘୁରାମ୍ ଆର୍. ଆୟାର୍ ଙ୍କର୍ ସହେତେ ସବୁ ଜିଲ୍ଲା ଶିକ୍ଷା ଅଧିକାରୀ ଆଭାସୀ ଜରିଏ ଉପସ୍ଥିତ୍ ଥିଲେ ।

ସ୍ୱତନ୍ତ୍ର ଟ୍ରେନ୍ ଏନ୍‌ଏସ୍‌ଡି

ଭାରତୀୟ ରେଲ୍‌ବାଇ ତର୍‌ଫୁ ଗଲାକାଏଲ ଠାନୁ ଶହେ ୬୪ ଟା ସ୍ୱତନ୍ତ୍ର ଟ୍ରେନ୍ ଚଲାଚଲ୍ କରିଛେ । ଛଟ୍‌ପୂଜା ଆର୍ ଅଲ୍‌ଗା

ପରବ୍ ଲାଗି ଘରକୁ ଯାଇଥିବା ଲୋକ୍‌ମାନେ ଇ ଟ୍ରେନ୍‌ଥି ସେମାନ୍‌କର୍ ଲକ୍ଷ୍ୟ ଜାଗାକେ ଫିର୍‌ବେ ବଲି ଜନାପଡ଼ିଛେ । ଆଏବାକାଏଲ୍ ଭିତ୍‌ରେ ୪ ଶହ ୭୬ ଟା ଟ୍ରେନ୍ ଚଲାଚଲ୍ କର୍‌ବାର୍‌କେ ରେଲ୍‌ବାଇ  ନିଷ୍ପତି ନେଇଛେ ।

ଆଇଏଏସ୍ ଅଦଲ୍‌ବଦଲ୍        ଆର୍‌ଏନ୍‌ୟୁ/ ସମ୍ବଲ୍‌ପୁର୍

ରାଜ୍ୟ ସର୍‌କାର୍ ଆଇଏଏସ୍ ଅଧିକାରୀ ସ୍ତରଥି ଅଦଲ୍‌ବଦଲ୍ କରିଛନ୍ । ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲନା ବିଭାଗ୍‌ର ଅତିରିକ୍ତ ମୁଖ୍ୟ ସଚିବ ଦେଓରଞ୍ଜନ୍ କୁମାର୍ ସିଂ ସ୍ୱତନ୍ତ୍ର ରିଲିଫ୍ କମିଶନର୍ ଆର୍ ଓଡ଼ିଶା ବିପର୍ଯ୍ୟୟ ପରିଚାଲନା ପ୍ରାଧିକରଣ୍‌ର ପରିଚାଲନା ନିର୍ଦ୍ଦେଶକ ସାଙ୍ଗେ ଓଡ଼ିଶା ବନ ଉନ୍ନୟନ୍ ନିଗମ୍‌ର ଅଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱଥି ରହେବେ । ଶକ୍ତି ବିଭାଗ୍‌ର ପ୍ରମୁଖ ସଚିବ ହେମନ୍ତ ଶର୍ମାଙ୍କର୍ ଜାଗା ନ ବିଶାଲ୍ କୁମାର୍ ଦେବ୍‌ଙ୍କୁ ବିଭାଗ୍‌ର ଅତିରିକ୍ତ ଦାୟିତ୍ୱ ଦିଆଯାଇଛେ । ସେନ୍ତା ବୀର ବିକ୍ରମ୍ ଯାଦବଙ୍କର୍ ଜାଗା ନ ଖାଦ୍ୟ ଯୋଗାଣ ଆଉ ଖାଉଟି କଲ୍ୟାଣ୍ ବିଭାଗ୍‌ର ପ୍ରମୁଖ ସଚିବ ଭାବେ ସଞ୍ଜୟ କୁମାର୍ ସିଂ ଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଯାଇଛେ । କ୍ରୀଡ଼ା ଆଉ ଯୁବବ୍ୟାପାର୍ ବିଭାଗ୍‌ର ପ୍ରମୁଖ ସଚିବ ଭାସ୍କର୍ ଜ୍ୟୋତି

ଶର୍ମାଙ୍କୁ ଓପିଟିଏସିଏଲ୍‌ର ସିଏମ୍‌ଡ଼ି ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛେ । କେନ୍ଦ୍ରୀୟ ଡେପୁଟେସନ୍‌ନୁ ଫିରିଥିବା ଗିରିଶ୍ ଏସ୍.ଏନ୍‌ଙ୍କୁ ପଂଚାୟତିରାଜ୍ ଆର୍ ପାନୀୟଜଳ ବିଭାଗ୍‌ର ସଚିବ ଭାବେ ନିଯୁକ୍ତ କରାଯାଇଛେ । ଗୁହାପୁନମ୍ ତାପସ୍ କୁମାର୍‌ଙ୍କୁ ହସ୍ତତନ୍ତ, ବୟନଶିଳ୍ପ ଆର୍ ହସ୍ତଶିଳ୍ପ ବିଭାଗ୍‌ର ସଚିବ ଭାବେ ନିଯୁକ୍ତି ଦିଆଯାଇଛେ ।

ବିହନ୍ ଆଲୁ-ଉପମୁଖ୍ୟମନ୍ତ୍ରୀ ହିନ୍ଦୁସ୍ଥାନ୍ ସମାଚାର୍

ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଆଏଜ୍ ବଲାଙ୍ଗିର୍ ଜିଲ୍ଲାର୍ କଂଟାବାଞ୍ଜି ନ ଚାଷୀମାନ୍‌କୁ ବିହନ୍ ଆଲୁ ବାଂଟିଛନ୍ । ସାଂସଦ୍ ସଂଗୀତା କୁମାରୀ ସିଂହଦେଓ ଆର୍ ବିଧାୟକ୍ ଲକ୍ଷ୍ମଣ୍‌ବାଗଙ୍କର୍ ଉପସ୍ଥିତି ନ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଚାଷୀମାନ୍‌କୁ ବିହନ୍ ଆଲୁ ବାଂଟିଛନ୍ ।

ଜାତୀୟ ଆଇନ୍‌ସେବା ଦିବସ୍ ବୌଦ୍ଧ/କଳାହାଣ୍ଡି/ବଲାଙ୍ଗିର୍

ଆଏଜ୍ ଜାତୀୟ ଆଇନ୍‌ସେବା ଦିବସ୍ ପାଲନ୍ କରାଯାଉଛେ । ଆଇନ୍‌ଗତ ଅଧିକାର୍ ବାବ୍‌ଦେ ସଚେତନତା ଲାଗି ୧୯୯୫ ମସିହାନୁ ଆଝିର୍ ଦିନ୍‌କେ ଜାତୀୟ ଆଇନ୍‌ସେବା

ଦିବସ୍ ଭାବେ ପାଲନ୍ କରାଯାଉଛେ । ଇ ଅବ୍ସରେ ଲୋକ୍ମାନ୍କୁ ସେମାନ୍କର୍ ଆଇନ୍ଗତ ଅଧିକାର୍ ବାବ୍ଦେ ସଚେତନ୍ କର୍ବାର୍କେ ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜାଗା ନ କାର୍ଯ୍ୟକ୍ରମ୍ ମାନ୍ ହେଇଯାଇଛେ ।

ବୌଦ୍ଧ ଜିଲ୍ଲା ଆଇନ୍ସେବା ପ୍ରାଧିକରଣ୍ ତର୍ଫୁ ଗୋଛାପଡ଼ା ବଘିଆପଡ଼ା ନ ଗୁଟେ ପଦଯାତ୍ରା କରାଯିବାର୍ ସଙ୍ଗେ ସଚେତନତା ସଭା ହେଇଥିଲା ।

କଲାହାଣ୍ଡି ଜିଲ୍ଲା ଆଇନ୍ସେବା ପ୍ରାଧିକରଣ୍ ତର୍ଫୁ ହେଇଥିବା ସଭାଥି ଜିଲ୍ଲା ଆଉ ଦୌରାଜଜ୍ ଆର୍ ଜିଲ୍ଲା ଆଇନ୍ସେବା ପ୍ରାଧିକରଣ୍ର ଅଧ୍ୟକ୍ଷ ଅନୁପ୍ ରଞ୍ଜନ୍ ପଟ୍ଟନାୟକ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ସାଧାରଣ୍ ଲୁକେ କେନ୍ତା ଆଇନ୍ ସହାୟତା ପାଇପାର୍ବେ ହେ ବାବ୍ଦେ କହିଥିଲେ ।

ବଲାଙ୍ଗିର୍ ଜିଲ୍ଲାର୍ ସାହାଜ୍ ବାହାଲ୍ ନ ଥିବାର୍ ଗୋପୀନାଥ ମହାବିଦ୍ୟାଳୟ ନ ଗୁଟେ ସଚେତନତା ଶିବିର ହେଇଥିଲା ।

ଖରିଫ୍ ଧାନ୍ ଘିନା କଲାହାଣ୍ଡି

କଲାହାଣ୍ଡି ଜିଲ୍ଲା ନ ଆଏବା ୨୯ ତାରିଖ୍ନୁ ଖରିଫ୍ ଧାନ୍ ଘିନା ମୁଲ୍ ହେବା । ସେଦିନ ଗୋଲାମୁଣ୍ଡା ବ୍ଲକ୍ନୁ ପହେଲା କରି ଧାନ୍ ଘିନା ଯିବା ବଲି ଜିଲ୍ଲା ସ୍ତରୀୟ ଧାନ୍ ସଂଗ୍ରହ କମିଟି ବୈଠକ୍ଥି ନିଷ୍ପତି ନିଆଯାଇଛେ । ଜିଲ୍ଲାପାଲ୍ ପାଓ୍ୱାର୍ ସଚିନ୍ ପ୍ରକାଶଙ୍କର

ଅଧ୍ୟକ୍ଷତାଥି ଆଏଜ୍ ହେଇଥିବା ବୈଠକ୍‌ଥି ମିଲିଥିବା ସୂଚ୍‌ନା ଅନ୍‌ସାରେ ଜିଲ୍ଲାର୍ ଭବାନୀପାଟ୍‌ନା ଆର୍ ଧରମ୍‌ଗଡ୍ ନ ୮୧ ଟା ପେକ୍ସ, ୨ ଶହେ ୨୩ ଟା ଧାନ୍ ସଂଗ୍ରହ କେନ୍ଦ୍ର ଆର୍ ୨୭ ଟା ସ୍ୱୟଂ ସହାୟକ ଗୋଷ୍ଠୀ ଧାନ୍ ଘିନ୍‌ବେ ।

ଡାକ୍‌ଟିକଟ୍ ପ୍ରଦର୍ଶନୀ		କଳାହାଣ୍ଡି ସମ୍ବାଦଦାତା

କଳାହାଣ୍ଡି ଜିଲ୍ଲା ଡାକ୍ ଡିଭିଜନ୍ ତର୍‌ଫୁ ଭବାନୀପାଟ୍‌ନାର୍ ବ୍ରଜମୋହନ୍ ହାଇସ୍କୁଲ୍ ନ ୨ ଦିନିଆ ଡାକ୍‌ଟିକଟ୍ ପ୍ରଦର୍ଶନୀ ଉଦ୍‌ଘାଟିତ୍ ହେଇଯାଇଛେ । ପ୍ରଦର୍ଶନୀଥି ଦେଶର୍ ଇତିହାସ୍‌ନୁ ନେଇକରି ଭିନ୍ ଭିନ୍ ଐତିହାସିକ୍ ଆର୍ ସାଂସ୍କୃତିକ୍ ସ୍ମାରକୀ ବାବଦ୍ ଡାକ୍‌ଟିକଟ୍ ଠାନ୍ ପାଇଛେ ।

ଭୁବ୍‌ନେଶ୍ୱର୍ ଦୂରଦର୍ଶନ୍ କେନ୍ଦ୍ର-ସମ୍ବଲପୁରୀ, ସାନ୍ତାଳି ଆର୍ ଦେଶୀୟା ଭାଷାଥି ସମ୍ବାଦ ପ୍ରସାରଣ

ଆର୍‌ଏନ୍‌ୟୁ/ କଟକ୍

ଭୁବ୍‌ନେଶ୍ୱର୍ ଦୂରଦର୍ଶନ୍ କେନ୍ଦ୍ର ଆଂଚଲିକ୍ ସମ୍ବାଦ ବିଭାଗ୍ ତର୍‌ଫୁ ସମ୍ବଲପୁରୀ, ସାନ୍ତାଳି ଆର୍ ଦେଶୀୟା ଭାଷାଥି ସମ୍ବାଦ ପ୍ରସାରଣ୍ କରାଯିବା । ଇଥିର୍‌ଲାଗି ସମ୍ବଲପୁରୀ, ସାନ୍ତାଳି

ଆଉ ଦେଶୀୟା ଭାଷା ସମ୍ବାଦ ପାଠକ, କପି ଏଡିଟର୍ ଆର୍ ଭିଡ଼ିଓ ଏଡିଟର୍‌ର ଦରକାର୍ ରହିଛେ । ଉପଯୁକ୍ତ ପ୍ରାର୍ଥୀମାନ୍‌କର୍ ନୁ ଇଥିର୍‌ଲାଗି ଦର୍‌ଖାସ୍ତ ଆହ୍ୱାନ୍ କରାଯାଇଛେ । ଇଚ୍ଛୁକ ପ୍ରାର୍ଥୀ ପ୍ରସାର୍ ଭାରତୀ ୱେବ୍‌ସାଇଟ୍ prasarbharati.gov.in ର ଭେକେନ୍‌ସିଜ୍ ବିଭାଗ୍‌କେ ଯାଇକରି ବିଜ୍ଞାପନ୍‌ର ସବିଶେଷ୍ ବିବରଣୀ ଜାନିପାର୍‌ବେ । ଇ ମାସର୍ ୨୦ ତାରିଖ୍ ଆବେଦନ୍ କର୍‌ବାର୍ ଶେଷ୍ ତାରିଖ୍ ଆଏ ।

ଆର୍‌ଡିସି-ଫ୍ଲାଏ ଆସ୍ ମିଟିଂ ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍‌ପୁର୍, ଝାର୍‌ସୁଗୁଡ଼ା, ସୁନ୍ଦର୍‌ଗଡ୍ ଆର୍ ଅନୁଗୁଲ୍ ଜିଲ୍ଲା ନ ଫ୍ଲାଏ ଆସ୍ - କାର୍‌ଖାନାର୍ ଖାର୍ ପରିଚାଲ୍‌ନା ବାବ୍‌ଦେ ଆଏବା କାଏଲ୍ ସଖାଲର୍ ୧୧ ବଜେ ସମ୍ବଲ୍‌ପୁର୍ ନ ଉତରାଂଚଲ ରାଜସ୍ୱ କମିଶନର୍ ଆର୍‌ଡିସିଙ୍କର୍ ସମ୍ମିଳନୀ କକ୍ଷ ନ ଗୁଟେ ବୈଠକ୍ ହେବା । ବୈଠକ୍‌ଥି ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲନା ମନ୍ତ୍ରୀ ସୁରେଶ୍ ପୂଜାରୀଙ୍କର୍ ସହେତେ ରାଜ୍ୟ ପ୍ରଦୂଷଣ୍ ନିୟନ୍ତ୍ରଣ ବୋର୍ଡ଼ର ସଭ୍ୟ ସଚିବ ଆର୍ ଆଂଚଳିକ ଅଧିକାରୀ ଚାର୍‌ହି ଜିଲ୍ଲାର୍ ଜିଲ୍ଲାପାଳ୍,

ଏସ୍.ପି. ଆର୍ ଉତରାଂଚଲ୍ ପୁଲିସ୍ ଆଇଜି ଯୋଗ୍ ଦେବାର୍ କାର୍ଯ୍ୟକ୍ରମ୍ ରହିଛେ ।

ସମ୍ବଲପୁର-ଆର୍ଟ ଗେଲେରୀ ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍‌ପୁର୍ ଗୌରୀଶଙ୍କର୍ ସାହାଣୀ ପାର୍କ ନ ଥିବା ଓଡ଼ିଶା ଲଲିତ୍ କଲା ଏକାଡେମୀ ଆର୍ଟ ଗେଲେରୀ ନ ଆଏଜ୍‌ଠାନୁ ଡାକ୍ତର୍ ଦୀନବନ୍ଧୁ ସାହୁଙ୍କର୍ ଏକକ ଚିତ୍ରକଳା ପ୍ରଦର୍ଶନୀ ମୁଲ୍ ହେଇଛେ । ବିଶିଷ୍ଟ ଚିତ୍ରଶିଳ୍ପୀ ଭୋଲାନାଥ ନାଏକ୍ ପ୍ରଦର୍ଶନୀର୍ ଉଦ୍‌ଘାଟନ୍ କରିଥିଲେ । ଇ ପ୍ରଦର୍ଶନୀ ଆଏବା ୧୮ ତାରିଖ୍‌ତକ୍ ଚାଲ୍‌ବା । ପ୍ରଦର୍ଶନୀ ସଖାଲର୍ ୧୧ ବଜେନୁ ରାତି ସାଢ଼େ ୭ ବଜାତକ୍ ଖୁଲା ରହେବା ।